## NIC Odisha Celebrates 11th National Handloom Day with Pride

NIC Odisha State and District Centres observed the 11th National Handloom Day on 7th August 2025 with enthusiasm, honouring India's handloom heritage and supporting traditional weavers. Officers and employees wore elegant handloom attire, showcasing cultural pride and commitment to this timeless craft.

On 12th August 2025, a Special Inspire Talk was delivered by renowned Odia actor and director Shri Ashru Mochan Mohanty, who shared his inspiring journey and motivated participants to follow their passion. The celebration concluded with a Handloom Expo displaying a wide range of exquisite weaves, reflecting Odisha's rich textile tradition.

### News Clips

# ରାଷ୍ଟ୍ରୀୟ ସୂଚନା ବିଜ୍ଞାନ କେନ୍ଦ୍ରରେ ହସ୍ତତନ୍ତ ସପ୍ତାହ

ଭୁବନେଶ୍ୱର,୧୩।୮(ବ୍ୟୁରୋ): ରାଜ୍ୟରେ ଜାତୀୟ ହସ୍ତତନ୍ତ ସପ୍ତାହ ପାଳିତ ହେଉଥିବା ବେଳେ ରାଷ୍ଟ୍ରୀୟ ସୂଚନା ବିଜ୍ଞାନ କେନ୍ଦ୍ର (ଏନ୍‌ଆଇସି) ଭୁବନେଶ୍ୱରରେ ଫେସନ୍ ସମ୍ବଲପୁରୀ ତରଫରୁ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ରାଷ୍ଟ୍ରୀୟ ସୂଚନା ବିଜ୍ଞାନ କେନ୍ଦ୍ର ନିର୍ଦ୍ଦେଶକ ଅଶୋକ କୁମାର ହୋତା, ଫେସନ୍ ସମ୍ବଲପୁରୀର ବ୍ରାଣ୍ଡ ଆମ୍ବାସଡର ବରିଷ୍ଠ ସିନେ ଅଭିନେତା ଅଶ୍ରୁମୋଚନ ମହାନ୍ତି, ଫେସନ୍ ସମ୍ବଲପୁରୀର ପ୍ରତିଷ୍ଠାତା ପୁରୁଷୋତ୍ତମ ସାହୁଙ୍କ ସମେତ ଏନ୍‌ଆଇସିର ବହୁ ବୈଜ୍ଞାନିକ ଏବଂ ଉଚ୍ଚପଦସ୍ଥ କର୍ମଚାରୀ ଉପସ୍ଥିତ ଥିଲେ। ସମ୍ବଲପୁରୀ ବସ୍ତ୍ର ପରିଧାନର ଉପକାରିତା ବିଷୟ ଆଲୋଚନାର ବିଷୟବସ୍ତୁ ଥିଲା । ଜଣେ ସରକାରୀ ଅବା ବେସରକାରୀ କର୍ମଚାରୀ, ଆମ ରାଜ୍ୟରେ ପ୍ରସ୍ତୁତ ହେଉଥିବା ବସ୍ତ୍ର ଟିଏ ପରିଧାନ କଲେ ତାହାର ପ୍ରଚାର ଓ ପ୍ରସାର ହେବା ସହ ଜଣେ ଶିଳ୍ପୀ ବା ବୁଣାକାରଙ୍କ ପ୍ରତି




ପ୍ରୋତ୍ସାହନ ଯୋଗାଇପାରିବା ବୋଲି ଅତିଥି ମତପ୍ରକାଶ କରିଥିଲେ। ଅଭିନେତା ଶ୍ରୀ ମହାନ୍ତି କହିଥିଲେ, ସ୍ୱାଧୀନତା ସଂଗ୍ରାମୀ ପରିବାରରୁ ଆସିଥିବାରୁ ଖଦି ପ୍ରତି ମୋର ପିଲାଟି ଦିନରୁ ଆଗ୍ରହ ଥିଲା। ପ୍ରାୟ ୨ ହଜାରରୁ ଅଧିକ ଗାଁ ବୁଲି ବୁଲି ହସ୍ତତନ୍ତର ପ୍ରଚାର ଓ ପ୍ରସାର କରିବା ପାଇଁ ଚେଷ୍ଟା କରିଛି । ରାଷ୍ଟ୍ରୀୟ ସୂଚନା ବିଜ୍ଞାନ କେନ୍ଦ୍ର ଅଡିଟୋରିୟମ୍‌ରେ ଏକ ହସ୍ତତନ୍ତ ପ୍ରଦର୍ଶନୀ ହୋଇଥିଲା।

**Prameya Dt 14-08-25**